ଶନିବାର, ୧୬ ଜୁଲାଇ, ୨୦୨୨

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

**ଭିକାରି:** ମ୍ୟାଡାମ୍ ୧୦ଟଙ୍କା ଦିଅ।
**ମ୍ୟାଡାମ୍:** ଏଇ ନିଅ ଟଙ୍କା, ଆଶୀର୍ବାଦ ଦିଅ।
**ଭିକାରି:** ଏତେ ଦାମୀ କାର୍‌ରେ ତ ବସିଛ ଆଉ କ'ଣ ରକେଟ୍‌ରେ ବସିବ ବୋଲି ଆଶୀର୍ବାଦ କରିବି।

ଜଣେ ରୋଗୀ ଡାକ୍ତରଙ୍କ ନିକଟକୁ ଗଲା।
**ରୋଗୀ:** ଡାକ୍ତରବାବୁ, ମୋ କାନରେ ମଟର ଗଛ ଉଠିଛି।
**ଡାକ୍ତର:** ଇଏ ତ ଆଶ୍ଚର୍ଯ୍ୟର କଥା !
**ରୋଗୀ:** ଆଜ୍ଞା ଡାକ୍ତରବାବୁ, ଆଶ୍ଚର୍ଯ୍ୟର କଥା ହେଲା- ମୁଁ ତ କାନରେ ଭେଣ୍ଡି ମଞ୍ଜି ପକାଇଥିଲି।

(ଶିକ୍ଷକ-ଛାତ୍ର ମଧ୍ୟରେ କଥାବାର୍ତ୍ତା)
**ଶିକ୍ଷକ:** ଏତେ ଦିନ ହେଲା କେଉଁଠି ଥିଲୁ।
**ଛାତ୍ର:** ବାର୍ଡ ଫ୍ଲୁ ଥିଲା ..... !
**ଶିକ୍ଷକ:** କିନ୍ତୁ ଇଏ ବାର୍ଡଙ୍କୁ ହୁଏ ?
ଛାତ୍ର(ରାଗିଯାଇ): ଆପଣ ମଣିଷ ବୋଲି କେଉଁଠି ଭାବିଲେ କି ମୋତେ ସବୁବେଳେ ତ କୁକୁଡ଼ା କରି ଠିଆ କରିଦିଅନ୍ତି।

# ଧୈର୍ଯ୍ୟ ହିଁ ମହାଶକ୍ତି

ଗପ



ଥରେ ଜଣେ ସନ୍ନ୍ୟାସୀ ଗୋଟିଏ ଗଛମୂଳରେ ନିରୋଳାରେ ବସି କ'ଣ ଭାବୁଥାନ୍ତି। ଏହି ସମୟରେ ଜଣେ ଯୁବକ ତାଙ୍କ ପାଖକୁ ଆସି ଖୁବ୍ ଦୁଃଖର ସହିତ ସନ୍ନ୍ୟାସୀଙ୍କୁ କହିଲେ ''ଆଜ୍ଞା। ମୋ ଜୀବନରେ ଅନେକ ସମସ୍ୟା ରହିଛି। ତାକୁ ସାମ୍ନା କରିବାପାଇଁ ମୋ ପାଖରେ ଧୈର୍ଯ୍ୟ ନାହିଁ। ଗୋଟିକ ପରେ ଗୋଟିଏ ସମସ୍ୟା ମାଡ଼ି ଆସୁଛି। କ'ଣ କରିବି ମୁଁ ଭାବି ପାରୁନାହିଁ। ଯଦି ଆପଣ ଦୟାକରି ସମାଧାନ କରିଦେବେ ମୁଁ ଠିକ୍ କରିଛି ଘରକୁ ଫେରିବି, ନଚେତ୍ ଏଇ ଗଛରେ ଫାଶୀଦେଇ ଆତ୍ମହତ୍ୟା କରିବି।''

ସନ୍ନ୍ୟାସୀ ଯୁବକଙ୍କ କଥା ଶୁଣି ତାଙ୍କୁ କହିଲେ , '' ତୁମେ ୨୦୦ ଗ୍ରାମ ଲୁଣ ଆଣି ସବୁ ଲୁଣକୁ ଗୋଟିଏ ପାଣି ଗ୍ଲାସ୍‌ରେ ଫେଣ୍ଟି ସେଇ ପାଣିକୁ ପିଇଦିଅ। ଯୁବକଜଣକ ସଙ୍ଗେ ସଙ୍ଗେ ଯାଇ ଲୁଣ ଆଣି ଏକ ପାଣି ଗ୍ଲାସ୍‌ରେ ଫେଣ୍ଟି ଦେଲେ, କିନ୍ତୁ ଏତେ ଗାଢ଼ ଲୁଣିଆ ପାଣିରୁ ଟୋପାଟିଏ ପିଇବାକୁ ସମର୍ଥ ହୋଇପାରିଲେ ନାହିଁ। ସନ୍ନ୍ୟାସୀ ଏହା ଦେଖି ଯୁବକଙ୍କୁ କହିଲେ, ତୁମେ ୨୦୦ ଗ୍ରାମ ଲୁଣ ନେଇ ଗୋଟିଏ ପାଣି କୂଅରେ ପକାଇ ସେଇ ପାଣିକୁ ଆଣି ପିଅ। ଯୁବକ ପୁଣି ଯାଇ ୨୦୦ ଗ୍ରାମ ଲୁଣ ଆଣି ନିକଟରେ ଥିବା ପରିଷ୍କାର ପାଣିକୂଅରେ ପକାଇବା ପରେ ସେଥିରୁ ପାଣି ଆଣି ଆରାମରେ ପିଇଦେଲେ। ଏସବୁ ଦେଖି ସନ୍ନ୍ୟାସୀ ଯୁବକଙ୍କୁ କହିଲେ, ତୁମେ ତୁମ ପ୍ରଶ୍ନର ଉତ୍ତର ପାଇ ସାରିଥିବ।'' ଏଇ ଜୀବନ ଏକ ଲମ୍ବା ରାସ୍ତା ଭଳି।

ଏହି ଜୀବନର ଦୀର୍ଘ ସମୟକୁ ଯଦି ତୁଳନା କରିବ ତେବେ କିଛି ମୁହୂର୍ତ୍ତ ପାଇଁ ଆସୁଥିବା ସମସ୍ୟା ଓ ଦୁଃଖ ବେଶି ନୁହେଁ, ଠିକ୍ ଯେମିତି ଅଳ୍ପ ପାଣିରେ ଲୁଣ ପାଣି ପିଇବା ସବୁଠୁ କଷ୍ଟକର ଥିଲା ଓ ସେତିକ ଲୁଣ ବଡ଼ ଜଳାଶୟରେ ମିଶିବା ପରେ ଏହାକୁ ପାନ କରିବା ସହଜ ଲାଗିଲା। ସେହିପରି ଜୀବନର ଲମ୍ବା ସମୟ ଭିତରେ ଯଦି ଏହି ସମସ୍ୟା ବା ଦୁଃଖକୁ ବାଣ୍ଟି ଦିଆଯାଏ ତେବେ ସବୁକିଛି ସରଳ ଓ ସୁଗମ ହୋଇଯିବ। ଏଥିପାଇଁ ଧୈର୍ଯ୍ୟ ଆବଶ୍ୟକ। ଧୈର୍ଯ୍ୟ ହେଉଛି ମହାଶକ୍ତି। ସେହି ଧୈର୍ଯ୍ୟ ମଣିଷ ଜୀବନକୁ ବୁଦ୍ଧିମନ୍ତ, ସୁଖମୟ, ଆନନ୍ଦ ଦାୟକ ତଥା ପ୍ରଶାନ୍ତିର ସ୍ୱର୍ଗ ତିଆରି କରିପାରେ।

ସୁତରାଂ କ୍ଷଣିକ ସମସ୍ୟା ପ୍ରତି ବିଚଳିତ ନ ହୋଇ ସମସ୍ୟା ଆସିଲେ ଏସବୁ ଶାନ୍ତ ମନରେ ପ୍ରଭୁଙ୍କ ପାଦରେ ସମର୍ପଣ କରିଦେବା ଉଚିତ। କୌଣସି ଜିନିଷର ଆବଶ୍ୟକତା ଥିଲେ ଯେତେ ସମସ୍ୟା ଆସିଲେ ବି ମଣିଷ ତାର ସମାଧାନ ନିମନ୍ତେ ଚେଷ୍ଟା ଜାରି ରଖିଥାଏ। ତେଣୁ ସମସ୍ୟା ସମାଧାନ ନିମନ୍ତେ ନିଷ୍ଠା ଓ ଧୈର୍ଯ୍ୟର ସହିତ କଠିନ ପରିଶ୍ରମ କରିବା ନିହାତି ଆବଶ୍ୟକ। ଛୋଟବେଳରୁ ହିଁ ପରିଶ୍ରମ କରିବାର ଅଭ୍ୟାସ ଜାରି ରଖିବା ଉଚିତ୍, ଯାହାଫଳରେ ସବୁ ସମସ୍ୟା ସମାଧାନର ରାସ୍ତା ମିଳିପାରିବ। ସନ୍ନ୍ୟାସୀଙ୍କଠାରୁ ଏସବୁ ମହତ୍‌ବାଣୀ ଶୁଣି ଯୁବକଜଣକ ନିଜ ଭୁଲ୍ ବୁଝିପାରିଲେ ଓ ଆତ୍ମହତ୍ୟା କରିବାର ନିଷ୍ପତ୍ତିକୁ ତ୍ୟାଗ କରିଥିଲେ। ଏହାପରେ ସେ ଅନୁଭବ କରିପାରିଲେ କି ସେ ହିଁ ଚାହିଁଲେ ନିଜ ଚେଷ୍ଟା ବଳରେ ଧୈର୍ଯ୍ୟ ରଖି ସବୁ ସମସ୍ୟାର ସମାଧାନ କରିପାରିବେ। ଏହାପରେ ସେ ସନ୍ନ୍ୟାସୀଙ୍କୁ ପ୍ରଣାମ କରି ଆଦର୍ଶ ପରିବାର ଗଢ଼ି ସୁଖ ଓ ଶାନ୍ତିରେ ରହିଲେ।

**-ଶଶଧର ମହନ୍ତି**
ବରାଳ ପୋଖରୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୬୬୪୭

## ମତାମତ

▶▶ 'ବାହୁଡ଼ିବେ ମହାବାହୁ' ପ୍ରସଙ୍ଗରୁ ପିଲାମାନଙ୍କର ଭକ୍ତିଭାବ ଦେଖି ଭାବବିହ୍ୱଳ ହୋଇଗଲି।

– **ଜଗନ୍ନାଥ ସାମଲ,** ତୁଳସୀପୁର, ଭଦ୍ରକ

▶▶ 'ତୁମ ତୂଳୀରେ' ସ୍ଥାନିତ ଜଗନ୍ନାଥଙ୍କର ସବୁ ଚିତ୍ର ସୁନ୍ଦର ଲାଗୁଛି।

–**ଆୟୁଷ ବୋଷ,** ଭିଏସଏସ ନଗର, ଭୁବନେଶ୍ୱର

▶▶ ଏଥରର 'ପ୍ରଚ୍ଛଦ' ପୃଷ୍ଠା ଏବଂ 'ଆଇନା' ପୃଷ୍ଠା ଆକର୍ଷଣୀୟ ହୋଇଛି।

– **ତୁଳସୀ ସାହୁ,** ପାଟଣାଗଡ, ବଲାଙ୍ଗୀର

▶▶ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ କୁନି ନର୍ତ୍ତକୀ ଅନନ୍ୟାଙ୍କ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା।

– **ଦିଶା ଆଚାର୍ଯ୍ୟ,** ଲିଙ୍କ୍‌ରୋଡ୍, କଟକ

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ






**ଅଙ୍କିତା ଦାସ**
କ୍ଲାସ୍-୧୦,
ଷ୍ଟୁଆର୍ଟ ସ୍କୁଲ୍,
ସିଆର୍‌ପି,
ଭୁବନେଶ୍ୱର

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ବର୍ଷା କାହା ପାଇଁ କେମିତି



ଏବେ ବର୍ଷାଦିନ। ବିଶେଷ ଭାବରେ ପିଲାମାନେ ଏହି ଦିନରେ ବେଶ୍ ମଜା କରିଥାଆନ୍ତି। ସ୍କୁଲକୁ ଯିବାବେଳେ ଯଦି ବର୍ଷାରେ ଭିଜିଗଲେ, ତେବେ ତାହାର ମଜା ଅଲଗା। ବର୍ଷାପାଣିରେ ସେମାନେ ଖେଳିବା ସହ କାଗଜ ଡଙ୍ଗା ଭସାଇ ଥାଆନ୍ତି। ତେବେ ଏହି ଦିନକୁ ନେଇ ଅନେକ ପିଲାଙ୍କ ମନରେ ସ୍ମୃତି ରହିଛି। କେତେକ ଏଭଳି ଘଟଣାକୁ ନିଜ ସାଙ୍ଗମାନଙ୍କ ସହ ଶେୟାର କରିଥାଆନ୍ତି। ଏହି ଋତୁରେ ସେମାନେ ସିନା ବର୍ଷାର ମଜା ନେଇଥାଆନ୍ତି, ହେଲେ ଏଦିନେ ସ୍ୱାସ୍ଥ୍ୟକୁ ନେଇ ସତର୍କ ହେବା ଦରକାର। କାରଣ ବର୍ଷାଦିନେ ପିଲାମାନେ ଥଣ୍ଡା, ଜ୍ୱର, କାଶ ଆଦି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଏହି ଋତୁରେ ସେମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ନିହାତି ଜରୁରୀ। ତା'ସହ ପିଲାମାନଙ୍କର ମା'ବାପା ଏ ନେଇ ସଚେତନ ରହିବା ଦରକାର। ତେବେ ଏହି ଋତୁକୁ କେତେକ ପିଲା ଚାହିଁ ରହିଥାଆନ୍ତି। ବର୍ଷାଦିନ ଆସିବ, ପ୍ରବଳ ବର୍ଷା ହେବ। ଆଉ ପାଣି ସୁଅକୁ ଦେଖି ସେମାନେ ମଜା ନେବେ। ତା'ସହ ବର୍ଷା ପାଣିରେ ଡଙ୍ଗା ଭସାଇ ତା' ପଛରେ ଓଦା ହୋଇ ଦୌଡ଼ିବାରେ କେତେ ମଜା ଅଛି କେବଳ ଅନୁଭବୀ ହିଁ ଜାଣେ। ତେବେ ଏଥର ବର୍ଷାଦିନେ ପାଠପଢ଼ା ତ ଚାଲିବ। କାରଣ କରୋନା ପ୍ରକୋପ କେତେକାଂଶରେ ଦୂର ହେବା ପରେ ଏବେ ସ୍କୁଲରେ ସମ୍ପୂର୍ଣ୍ଣ ଭାବରେ ଅଫ୍ ଲାଇନ୍ କ୍ଲାସ ଚାଲିଛି। ଆଉ ତା' ଭିତରେ ଏଥର ବର୍ଷାଦିନର ମଜା ନେବା ପାଇଁ କିଏ କ'ଣ ପ୍ଲାନିଂ କରିଛି, ସେ ନେଇ କେତେକ ଛାତ୍ରୀଛାତ୍ର ଯାହା କୁହନ୍ତି...

## ବୁଲାବୁଲି କରିବାକୁ ଭଲ ଲାଗେ



ମୁଁ ବର୍ଷାଦିନେ ବାହାରେ ବୁଲିବାକୁ ପସନ୍ଦ କରେ। କାରଣ ବାହାରେ ବୁଲି ବର୍ଷାର ମଜା ନେବା କେତେ ମଜାଦାର, ତାହା ଯିଏ କରିଛି ସିଏ ଜାଣିଛି। ବର୍ଷାଦିନେ ବେଳେବେଳେ କଳାହାଣ୍ଡିଆ ମେଘ ଉଠାଇ ଆସେ। ଚାରିଆଡ଼ ଅନ୍ଧାର ହୋଇଯାଏ। ବିଜୁଳି ଘଡ଼ଘଡ଼ିରେ ଚାରିଆଡ଼ ଫାଟିପଡ଼େ। ଆଉ ଏହି ମନୋରମ ଦୃଶ୍ୟକୁ ମୁଁ ମନଭରି ଉପଭୋଗ କରିଥାଏ। ବିଶେଷଭାବରେ ବାହାରେ ବୁଲୁଥିବା ବେଳେ ପ୍ରବଳ ବର୍ଷା ମୋତେ ବେଶି ପୁଲକିତ କରିଥାଏ। ଏହି ଦିନରେ ପାଗ ଥଣ୍ଡା ରହେ। ସେଥିପାଇଁ ବୁଲିବାକୁ ଟିକେ ଭଲ ଲାଗେ। **–ସୋନିସ୍ମିତା ମିଶ୍ର,**
କ୍ଲାସ–୯, ଏଟିବିଏନ୍ ହାଇସ୍କୁଲ୍, ଆଳିସିଶାସନ, ଖୋର୍ଦ୍ଧା



## ଚଟ୍‌ପଟି ଖାଦ୍ୟ ଖାଇବାକୁ ପସନ୍ଦ କରେ

ଛଅଋତୁ ମଧ୍ୟରେ ମୋତେ ବର୍ଷାଋତୁ ବହୁତ ଭଲଲାଗେ। ଏହି ଋତୁରେ ମୋର ପସନ୍ଦ ଟିକେ ଅଲଗା। ବର୍ଷାଦିନେ ମୁଁ ଚଟ୍‌ପଟି ଖାଦ୍ୟ ଖାଇବାକୁ ପସନ୍ଦ କରେ। ବାହାରେ ବର୍ଷା ସାଙ୍ଗକୁ ଘର ଭିତରେ ଏଭଳି ଖାଦ୍ୟର ଆସର ମୋତେ ବେଶ୍ ଆନନ୍ଦଦିଏ। ତେବେ ବର୍ଷାଦିନେ ମୁଁ ପକୁଡି ଖାଇବାକୁ ବେଶି ପସନ୍ଦ କରେ। ଆମ ଘରେ ବର୍ଷାଦିନେ ପ୍ରାୟ ଛଣାଛଣି ଖାଦ୍ୟର ଚାହିଦା ଟିକେ ଅଧିକ। ଏହି ଋତୁରେ ମୁଁ ନିଜ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସଚେତନ ରହିଥାଏ।



**–ଆଦ୍ୟାଶା ପ୍ରିୟଦର୍ଶିନୀ ମିଶ୍ର**
କ୍ଲାସ–୧୦, ଓଚିଣ୍ଡା ହାଇସ୍କୁଲ, ମାଛଗାଁ, ଜଗତ୍‌ସିଂହପୁର

## ବର୍ଷାରେ ଭିଜିବାକୁ ଭଲ ଲାଗେ

ସତ କଥା କହିବାକୁ ଗଲେ ବର୍ଷାଦିନକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। କାରଣ ଏହି ଋତୁ ମୋତେ ସବୁଠାରୁ ବେଶି ଭଲ ଲାଗେ। ବର୍ଷା ହେଉଥିବ, ଆଉ ସେହିବର୍ଷାରେ ଭିଜିବାର ମଜା ନିଆରା। ଘରେ ଏ ନେଇ ମୋତେ ଅନେକ ଥର ଆକଟ କରିଛନ୍ତି। ହେଲେ କ'ଣ କରିବି? ବର୍ଷା ହେଲେ ମୁଁ ଘର ବାହାରକୁ ଯାଇ ବର୍ଷାରେ ଭିଜିଥାଏ। ଏଥିସହ ମୋତେ ହାତତିଆରି ଡଙ୍ଗା କରି ପାଣିରେ ଭସାଇବାକୁ ଭଲ ଲାଗେ। ସାଙ୍ଗମାନେ ମିଶି ଡଙ୍ଗା ପ୍ରସ୍ତୁତ କରୁ। ପୁଣି ଏକାଠି ମିଶି ବର୍ଷାପାଣିରେ ଡଙ୍ଗା ଭସାଉ। ତା'ସହ କାହା ଡଙ୍ଗା ଫାଷ୍ଟ ହେଉଛି ତାହା ମଧ୍ୟ ଦେଖାଯାଇଥାଏ।



**–ଆରିୟୁଷ ପତି,** କ୍ଲାସ–୬, ବିଜେଇଏମ୍ ସ୍କୁଲ, ସତ୍ୟଭାମାପୁର, ଭୁବନେଶ୍ୱର

## ବର୍ଷାରେ ଓଦା ହୋଇ କାଗଜ ଡଙ୍ଗା ଭସାଇବାର ମଜା ନିଆରା


ବର୍ଷାଦିନେ ପ୍ରବଳ ବର୍ଷାକୁ ବିଜୁଳି ଆଉ ଘଡ଼ଘଡ଼ି ମନରେ ଭୟର ବାତାବରଣ ସୃଷ୍ଟି କରିଥାଏ। ହେଲେ ପିଲାଦିନେ ମୁଁ ଅନେକ ଥର ଏହି ବର୍ଷାରେ ଓଦା ହୋଇ କାଗଜରେ ପ୍ରସ୍ତୁତ ଡଙ୍ଗା ଭସାଇଛି। ଡଙ୍ଗା ପଛରେ ଦୌଡ଼ିବାର ମଜା ଆହୁରି ନିଆରା। ଏବେ ତ ହାଇସ୍କୁଲରେ ପଢୁଛି। ତେଣୁ ବର୍ଷାରେ ଓଦା ହେଲେ ଦେହ ଖରାପ ହେବ ଜାଣିଛି। ବର୍ଷାଦିନେ ମୁଁ ଅଧିକ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହେ। ଏବେ ତ ବର୍ଷାଦିନେ କେତେବେଳେ କେମିତି ପ୍ରବଳ ବର୍ଷା ହେଉଛି। ତଥାପି ବେଳେବେଳେ ମୁଁ କାଗଜ ଡଙ୍ଗା ଭସାଇ ବର୍ଷାଦିନର ମଜା ନେଇଥାଏ।



**–ସତ୍ୟଜିତ୍ ସାହୁ**
କ୍ଲାସ୍–୮ମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପଟା, ଭୁବନେଶ୍ୱର



୧



୨



୩



୪



୫



୬



୭



୮

୧
ଓମ୍ ପ୍ରକାଶ ବାରିକ
କ୍ଲାସ-୮, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ, ମୁର୍ସିଦାବାଦ, ପଶ୍ଚିମବଙ୍ଗ





ସାଓନୀ ପଟ୍ଟନାୟକ
କ୍ଲାସ- ୪, ବି.ଜି ଏସ୍ ବିଦ୍ୟାଳୟ, ବେଙ୍ଗାଲୁରୁ, କର୍ନାଟକ
୨

୩
ରାଧେଶ ବିଶ୍ୱାଳ
କ୍ଲାସ-୪, ସାଉଥ ପଏଣ୍ଟ ସ୍କୁଲ, କୋଲକାତା





ପ୍ରିୟାଲି ପଲକ
କ୍ଲାସ- ୫, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର
୪

୫
ଜଗନ୍ନାଥ ବେଜ୍
କ୍ଲାସ-୫, ମର୍ଡନ ପବ୍ଲିକ ସ୍କୁଲ, ବାଲେଶ୍ୱର





ରାମଚରଣ ସାହୁ
କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧, ଭୁବନେଶ୍ୱର
୬

୭
ବୈଷ୍ଣବୀ ମିଶ୍ର
କ୍ଲାସ-୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ





ରିତେଶ ରଞ୍ଜନ ବେହେରା
କ୍ଲାସ- ୬, ମଞ୍ଚେଶ୍ୱର ସରକାରୀ ସ୍କୁଲ, ମଞ୍ଚେଶ୍ୱର, ଭୁବନେଶ୍ୱର
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଶିଶୁ ବୈଜ୍ଞାନିକ ଗୀତାଞ୍ଜଳି




ପେନ୍‌ଠାରୁ ଆରମ୍ଭ କରି ପ୍ଲେନ୍ ପର୍ଯ୍ୟନ୍ତ ସବୁ କିଛି ହେଉଛି ବିଜ୍ଞାନର ଅବଦାନ। ବର୍ତ୍ତମାନ କେବଳ ଯୁବକ କି ବୟସ୍କମାନେ ବିଜ୍ଞାନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଉଛନ୍ତି ତା'ନୁହେଁ ବରଂ ଛୋଟ ପିଲାମାନେ ବି ଏବେ ନୂଆ ନୂଆ ଜିନିଷ ଉଦ୍ଭାବନ କରି ଅନେକ କ୍ଷେତ୍ରରେ ସୁନାମ ଆଣି ପାରୁଛନ୍ତି। ତୁମମାନଙ୍କ ପରି ୟୁଏସ୍‌ଏର ଶିଶୁ ବୈଜ୍ଞାନିକ ତଥା ଉଦ୍ଭାବକ ଭାବେ ଜଣାଶୁଣା ୧୫ ବର୍ଷୀୟା ଗୀତାଞ୍ଜଳି ରାଓ ହେଉଛନ୍ତି ସେଥିମଧ୍ୟରୁ ଜଣେ। ଜଳ ସଂରକ୍ଷଣ ଓ ଜଳରେ କେତେ ପରିମାଣର ପାରଦ ରହିଛି ତାକୁ ଜାଣିବା ପାଇଁ 'ଟେଥାଇସ୍' ନାମକ ଏକ ଡିଭାଇସ୍ ବାହାର କରିଛନ୍ତି, ଯେଉଁଥିରେ ବିଭିନ୍ନ ସ୍ଥାନର ପାଣି ପିଇବା ଯୋଗ୍ୟ କି ଅଯୋଗ୍ୟ ଚିହ୍ନଟ କରାଯାଇ ପାରିବ। ସେତେବେଳେ ତାଙ୍କୁ ବୟସ ୧୦ ବର୍ଷ ହୋଇଥିଲା। ଗୀତାଞ୍ଜଳି 'କିଡ୍ ଅଫ୍ ଦ ଇଅର' ଭାବେ 'ଟାଇମ୍ସ' ମାଗାଜିନ୍‌ର କଭର୍ ପେଜ୍‌ରେ ସ୍ଥାନ ପାଇଛନ୍ତି। ଶିଶୁ ବୈଜ୍ଞାନିକ ଭାବେ ମଧ୍ୟ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ 'କାଇଣ୍ଡଲି' ନାମକ ଡିଭାଇସ୍ ଉଦ୍ଭାବନ କରିଛନ୍ତି, ଯାହା ସାଇବର୍ କଲିଙ୍ଗ୍‌ର ଶିକାର ହେବାରୁ ସମସ୍ତଙ୍କୁ ରକ୍ଷା କରିପାରିବ। ସେ ଅନେକ ସ୍କୁଲ୍, ମ୍ୟୁଜିୟମ୍, ସାଇନ୍ସ ଓ ଟେକ୍ନୋଲୋଜି ସେଣ୍ଟର ଏବଂ ବିଭିନ୍ନ ଅନୁଷ୍ଠାନରେ ପ୍ରାୟ ହଜାର ହଜାର ପିଲାଙ୍କୁ ବିଭିନ୍ନ ୱାର୍କଶପ୍ ମାଧ୍ୟମରେ ନିଜ ଗବେଷଣା ବିଷୟରେ ବୁଝାଇଥାନ୍ତି। ସେ କୁହନ୍ତି ବିଜ୍ଞାନ ପ୍ରତି ମୋର ଆଗ୍ରହ ପିଲାଟି ଦିନରୁ। ମିଚିଗାନ୍‌ଙ୍କ ଦ୍ୱାରା ଲିଖିତ 'ଦ ଡ୍ରିଙ୍କିଙ୍ଗ୍ ୱାଟର୍ କ୍ରାଇସେସ୍'କୁ ପଢ଼ି ସେଥିରୁ ଅନୁପ୍ରାଣିତ ହୋଇଛି। ଆମେ ସମସ୍ତେ ଯଦି ଚାହିଁବା ନିଜ ଇଚ୍ଛାଶକ୍ତି ଦ୍ୱାରା ଜଣେ ଜଣେ କୁନି ବୈଜ୍ଞାନିକ ହୋଇପାରିବା।

## ଏଥରର

- ➔ପୃଥିବୀର ନିକଟତମ ତାରା କେଉଁଟି ?
- ➔କେଉଁ ମହାଦେଶକୁ ପୃଥିବୀର ସର୍ବାଧିକ ଥଣ୍ଡା ସ୍ଥାନ ବୋଲି କୁହାଯାଏ ?
- ➔ସବୁଠାରୁ ଦ୍ରୁତ ଗତିରେ ଦୌଡ଼ି ପାରୁଥିବା ପ୍ରାଣୀ କିଏ ?
- ➔ ଅନ୍ଧକାର ମହାଦେଶ ଭାବେ କେଉଁ ମହାଦେଶକୁ ବୁଝାଯାଏ ?
- ➔ଶାନ୍ତିର ପ୍ରତୀକ ଭାବେ କେଉଁ ରଙ୍ଗକୁ ବୁଝାଯାଏ ?

## ଗତଥରର

ଉ ତ୍ତ ର

- ଦକ୍ଷିଣ
- ଆଡ଼ପ ମଣ୍ଡପ
- ଧାଡ଼ି ପହଣ୍ଡି
- ଚାହାଣି ମଣ୍ଡପ
- ଜଗନ୍ନାଥଙ୍କ ମାଉସୀ ମା'



# କ ବି ତା

## ବର୍ଷା

ଝିପି ଝିପି ବର୍ଷା ପରଶେ
ମାଟି ଯାଇଛି ଭିଜି
ତରୁ ଚାରୁଲତା ଗହଣେ
ଧରା ହୋଇଛି ସାଜି।
ହଲି ହଲି ବର୍ଷା ପାଣିରେ
ଚାଲେ କାଗଜ ଡଙ୍ଗା
ବିଜୁଳିର ତେଜ ଝଲକ
ଆଣେ ମନରେ ଶଙ୍କା।
ସାଧବ ବୋହୂ ତା ଚାଲିରେ
ନିଏ ମନକୁ କିଣି
ଚାଷୀଭାଇ ତା'ର କ୍ଷେତରେ
ଦିଏ ବିହନ ବୁଣି।
ବର୍ଷାଦିନ ପନିପରିବା
ନିଜ ବାଡ଼ିରେ ଫଳେ
ନଦୀ ପୋଖରୀର ତଟରେ
କଇଁ ପଦୁଅଁ ଖେଳେ।
କାଶତଣ୍ଡୀ ନଦୀ ପଠାରେ
ଦିଶେ କି ମନୋରମ
ମେଘ ଆକାଶରେ ଚମକେ
ଇନ୍ଦ୍ରଧନୁର ବର୍ଣ୍ଣ।
ଚାତକର ତୃଷା ମେଣ୍ଟଇ
ପିଇ ବରଷା ପାଣି
ମେଘର ଶୀତଳ ଧାରାରେ
ହସେ ଧରଣୀ ରାଣୀ।
ପାଣି ବିନା ଜୀବଜଗତ
କ୍ଷଣେ ବଞ୍ଚିବା ସ୍ୱପ୍ନ
ସେଥିଲାଗି ଆସେ ବାଦଲ
କରେ ବରଷା ଦାନ।

–ରାମଚନ୍ଦ୍ର ବେହେରା
ବରୋଦା, ଗୁଜରାଟ
ମୋ: ୭୩୫୬୭୩୪୩୪୬

## ସ୍ୱର ବର୍ଣ୍ଣ ବାର

ଅ ପରେ ଆ,
ଏଇ ଦିଶିଲାଣି ମୋର
ମାମୁଘର ଗାଆଁ।
ଇ ପରେ ଈ,
ସେଇ ଗାଆଁରେ ରହୁଛନ୍ତି
ମୋର ଅଜା ଆଈ।
ଉ ପରେ ଊ,
ଆଈ ପରି ମଜା ଗପ
କିଏ କହିବ ଆଉ ?
ଋ ପରେ ୠ,
ଅଜା ଖଜା କିଣି ଆଣି
ଦେବେ ବଜାରରୁ।
ଏ ପରେ ଐ,
ମାମୁଘରେ ଆହୁରି ତ
ଅଛନ୍ତି ମୋ ମାଈଁ।
ଓ ପରେ ଔ,
ମାଇଁ କେତେ ଗେଲ କରିବେ
ମୋତେ ଯାଉ ଯାଉ।
ସ୍ୱର ବର୍ଣ୍ଣ ବାର,
ଅଜା ଆଈ ମାମୁ ମାଇଁଙ୍କୁ
କରିବି ନମସ୍କାର।

–ଶିବ ମିଶ୍ର
ବାଣପୁର, ଖୋରଧା
ମୋ: ୯୮୫୩୦୭୦୦୧୮

## ଝିପି ଝିପି ବର୍ଷା

ଝିପି ଝିପି ବର୍ଷା ଭାରି ବଢ଼ିଆରେ
ଭିଜିଲେ ଲାଗଇ ମଜା
ଗ୍ରୀଷମ ତାପିତ ଶରୀରକୁ ଦିଏ
ପୁଲକର ନୂଆ ତେଜା।
ଗାଁ ଦାଣ୍ଡ ସୁଏ କାଗଜ ଡଙ୍ଗାର
ପଟୁଆର ଯେବେ ଚାଲେ,
ପିଲା ସାଉଁଟନ୍ତି ମଜା ଅନୁଭୂତି
ତୁଳନା ନାହିଁ ସେ କଲେ।
ଖରା ହେଉଥିବ, ମେଘ ହେଉଥିବ
ଶିଆଳର ବାହାଘର,
ମେଘ ଲୁଚିଯିବ, ଖରା ଛକିଥିବ
ଏଇ ବେଳ କି ସୁନ୍ଦର !
ଆଷାଢ଼, ଶ୍ରାବଣ ରାଜୁତି କରିବ
ଝରୁଛିରେ ଝୁରୁଥିବ,
ଭାଦ୍ର, ଆଶ୍ୱିନ ଫେରନ୍ତା ମୌସୁମୀ
ଅଳ୍ପ କିଛି ହେଇ ଯିବ।

–ଶିବ ପ୍ରସାଦ ରାଉତ
ବଛଦା, ବାସୁଦେବପୁର, ଭଦ୍ରକ
ମୋ–୮୧୪୪୨୨୮୧୧୫

## କହିଲ ଦେଖି

ଆକାଶରୁ ଯେବେ ବରଷା ଝରେ
ଆନନ୍ଦ ମନରେ ଜଳରେ ଖେଳେ
ଦେଖିବାକୁ ସିନା ଭାରି ସୁନ୍ଦର
କେତେ ଖଳ ଅଟେ ଜୀବନ ତାର
କି ସୁନ୍ଦର ଆହା ସ୍ରୋତରେ ଭାସେ
ନିମିଷକେ ପୁଣି ପାଣିରେ ମିଶେ।

ଉ–ପାଣିଫୋଟକା



ଦିଏ ଯେବେ ସିଏ ମାଟିକୁ ଛୁଇଁ
କି ସୁନ୍ଦର ବାସି ମହକେ ଭୂଇଁ
ବୃକ୍ଷରାଜି ସବୁ ହୁଅଇ ଶାନ୍ତି
ମେଣ୍ଟିଯାଏ ପୁଣି ଚାଷୀର କ୍ଳାନ୍ତି
ମନରେ ଅନେକ ଆଶା ସଞ୍ଚାରେ
ଲତା ପୁଣି ତାର କାୟା ବିସ୍ତାରେ।

ଉ–ପ୍ରଥମବର୍ଷା




ତା ପାଇଁ ଚାତକ କୃଷକ ଭାଇ
ଆସଇ ସିଏ ବାଜା ବଜେଇ
ପାଇଲା ପରେ ତାହାରି ସ୍ପର୍ଶ
ସଭିଙ୍କ ଓଠେ ଖେଳଇ ହସ
ସେ ଯେବେ ଦିଏ ତା ମିଠା ଛୁଆଁ
ସଜେଇ ହୁଅଇ ଜଙ୍ଗଲ ଗାଆଁ
ସବୁଜ ପାଟର ଓଢଣୀ ଟାଣି
ସଜେଇ ହୁଏ ଧରଣୀରାଣୀ ।

ଉ– ବରଷାରାଣୀ




–ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର, ମୋ:୮୩୧୦୩୨୮୩୪୫

# ଜଣା ଅଜଣା



### ହାତୀର ଘ୍ରାଣଶକ୍ତି

ହାତୀ ବୃହତ୍ ପ୍ରାଣୀ ହେଲେ ବି ତା'ର ଘ୍ରାଣଶକ୍ତି ବହୁତ ଅଧିକ। ସେ ପ୍ରାୟ ୩ ମାଇଲ୍ ଦୂରରୁ ପାଣିର ବାସ୍ନା ଜାଣିପାରେ। ଫଳରେ ସେ ସେଠାରେ ସହଜରେ ପହଞ୍ଚିଯାଏ।



### କ୍ୟାଟରପିଲାରର ମସ୍ତିଷ୍କ

ପିଲାମାନେ କ୍ୟାଟରପିଲାରକୁ ଦେଖିଥିବ। କ୍ୟାଟରପିଲାର ମସ୍ତିଷ୍କରେ ୨୪୮ଟି ମାଂସପେଶୀ ରହିଛି।



### ମହୁମାଛି

ମହୁମାଛି ୩୦ ଲକ୍ଷ ବର୍ଷ ହେଲାଣି ପୃଥିବୀପୃଷ୍ଠରେ ଦୃଶ୍ୟମାନ ହେଉଛନ୍ତି। ଏମାନେ ପ୍ରତି ସେକେଣ୍ଡରେ ତାଙ୍କ ଡେଣାକୁ ୨୦୦ଥର ହଲାଇ ଥାଆନ୍ତି।



### ଗରିଲାର ଖାଦ୍ୟ

ପିଲାମାନେ ଗରିଲା ବିଷୟରେ ଅଳ୍ପବହୁତେ ଜାଣିଥିବ। କିନ୍ତୁ, ଏକଥା ହୁଏତ ଜାଣି ନ ଥିବ ଯେ, ଅଣ୍ଡିରା ଗରିଲାର ଦିନକ ମଧ୍ୟରେ ୨୦ କିଲୋ ଖାଦ୍ୟ ଗ୍ରହଣ କରିବାର ଶକ୍ତି ରହିଛି। ସେମାନେ ଦିନ ମଧ୍ୟରେ ୧୪ ଘଣ୍ଟା ଶୋଇଥା'ନ୍ତି।


### ନିଜ ଲାଞ୍ଜ ଖାଏ ମୂଷା

ପିଲାଏ, ତୁମେମାନେ ତ ମୂଷା ଦେଖିଥିବ। ଏହି ଜୀବ ପୁଣି ଗଣେଶଙ୍କ ବାହନ। ମୂଷା ବୁଲି ବୁଲି ତାହାର ଖାଦ୍ୟ ସଂଗ୍ରହ କରି ଖାଏ। ଯଦି କେବେ ତାକୁ ଖାଦ୍ୟ ନ ମିଳେ, ତେବେ ସେ କ'ଣ ଖାଏ ଜାଣିଛ ? ସେହି ସମୟରେ ତା' ନିଜ ଲାଞ୍ଜକୁ ଖାଇଥାଏ।



### କେତେ ଉପରେ ଉଡ଼ିପାରେ ପାରା

ପ୍ରାୟ ୬୦୦୦ ଫୁଟ୍ ଉପରେ ପାରାମାନେ ଉଡ଼ିପାରନ୍ତି। ପାରାଙ୍କ ଡେଣା ହାଡ଼ ତୁଳନାରେ କମ୍ ଓଜନର ହୋଇଥାଏ।



# ଆ
# ଇ
# ନା



ସାନ୍ଭୀ ତନୟା ସାହୁ
୪ ବର୍ଷ / ଭୁବନେଶ୍ୱର




ଆସମିନ୍ ଜେନା
୯ ବର୍ଷ / ଭୁବନେଶ୍ୱର